# NATIONAL NEWS BULLETIN (ODIA)

**11 August- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ଉପରେ ଆଲୋଚନା ଦାବି କରି ସଂସଦର ଉଭୟ ଗୃହରେ ବିରୋଧୀଙ୍କ ହଟ୍ଟଗୋଳ

–ଅପରାହ୍ନ ୨ଟା ପର୍ଯ୍ୟନ୍ତ ଉଭୟ ଲୋକସଭା ଓ ରାଜ୍ୟସଭା ମୁଲତବୀ

- ଭୋଟ ଜାଲିଆତି ପ୍ରସଙ୍ଗରେ ବିରୋଧ ପଦଯାତ୍ରା କଲେ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳ

- ନୂଆଦିଲ୍ଲୀର ଖଡକ ସିଂ ମାର୍ଗରେ ସାଂସଦମାନଙ୍କ ଲାଗି ଉଦ୍ଦିଷ୍ଟ କୋଠାକୁ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ଏବଂ

- ତୁର୍କୀରେ ୬ ଦଶମିକ ୧ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ, ଜଣେ ମୃତ ୨୯ ଆହତ

## ପାର୍ଲାମେଣ୍ଟ–ଆଡଜର୍ଣ୍ଣ

ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ଆଜି ପୂର୍ବାହ୍ନ ୧୧ଟାରେ ରାଜ୍ୟସଭା ଅଧିବେଶନ ଆରମ୍ଭ ହେବାମାତ୍ରେ ଉପାଧ୍ୟକ୍ଷ ହରିବଂଶ ପ୍ରଶ୍ନକାଳ ଆରମ୍ଭ କରିବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିହାର

ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ନେଇ ବିରୋଧୀ ସଦସ୍ୟମାନେ ସ୍ୱର ଉତ୍ତୋଳନ କରିଥିଲେ ।

ଉପାଧ୍ୟକ୍ଷ କହିଥିଲେ , ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ୨୯ଟି ସ୍ଥଗିତାଦେଶ ନୋଟିସ୍‌କୁ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ ଖାରଜ କରାଯାଇଛି । ସେହି ସ୍ଥଗିତାଦେଶ ନୋଟିସଗୁଡ଼ିକ ମଧ୍ୟରୁ ୧୮ଟି ନୋଟିସ୍ ସଂପର୍କିତ ପ୍ରସଙ୍ଗ ନ୍ୟାୟାଳୟଙ୍କ ବିଚାରାଧୀନ ଥିବା ବେଳେ ୫ଟି ପ୍ରସଙ୍ଗ ଅନ୍ୟାନ୍ୟ ବିଷୟ ସହ ଜଡ଼ିତ ଥିଲା । ଉପାଧ୍ୟକ୍ଷ ବାରମ୍ବାର ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯାଇ ଗୃହକାର୍ଯ୍ୟରେ ସହଯୋଗ କରିବା ଲାଗି କହିଥିଲେ। ସେ କହିଥିଲେ, ବିରୋଧୀଙ୍କ କ୍ରମାଗତ ପ୍ରଦର୍ଶନ ଯୋଗୁଁ ରାଜ୍ୟସଭାର ୬୨ ଘଣ୍ଟା ନଷ୍ଟ ହୋଇସାରିଛି। ଶୂନ୍ୟକାଳ ଏବଂ ପ୍ରଶ୍ନକାଳ ସଦସ୍ୟମାନଙ୍କ କାର୍ଯ୍ୟଧାରାର ଅଂଶବିଶେଷ ହୋଇଥିବାରୁ ତାହା ଯେପରି ପରିଚାଳନା କରାଯାଇପାରିବ, ସେ ନେଇ ଉପାଧ୍ୟକ୍ଷ ବିରୋଧୀ ସଦସ୍ୟଙ୍କ ସହଯୋଗ ଲୋଡ଼ିଥିଲେ । ତେବେ ତାହା ସମ୍ଭବ ନ ହେବାରୁ ରାଜ୍ୟସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

**V/O (Haribansa)**

ଲୋକସଭାରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୂର୍ବାହ୍ଣ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନ ନେଇ ଆଲୋଚନା ପାଇଁ ଦାବି କରିଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା' ବିରୋଧୀ ସଦସ୍ୟମାନେ ପୂର୍ବ ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି ବୋଲି କହିବା ସହ ଗଣତନ୍ତ୍ରରେ ଏହା ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ଗତ ୧୪ ଦିନ ହେବ

ଗୃହର କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଦର୍ଶାଇ ଗଣତାନ୍ତ୍ରିକ ପରମ୍ପରାରେ ଏହା ଠିକ୍ ନୁହେଁ ବୋଲି କହିଥିଲେ । ହଟ୍ଟଗୋଳ ମଧ୍ୟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ ସମନ୍ୱିତ ବନ୍ୟଜନ୍ତୁ ବାସସ୍ଥାନ ବିକାଶ ଯୋଜନା ସଂପର୍କିତ ପ୍ରଶ୍ନର ଉତ୍ତର ଦେଇଥିଲେ । ବାଚସ୍ପତିଙ୍କ ବାରମ୍ବାର ଆହ୍ୱାନ ସତ୍ତ୍ୱେ ବିରୋଧୀ ଦଳଗୁଡ଼ିକ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିବାରୁ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

## ବିଜେପି-ଅପୋଜିସନ ପ୍ରୋଟେଷ୍ଟ

ନିର୍ବାଚନ ପ୍ରକ୍ରିୟା ନେଇ କଂଗ୍ରେସ ମିଥ୍ୟା ତଥ୍ୟ ପ୍ରସାର କରୁଥିବା ବିଜେପି ଅଭିଯୋଗ କରିଛି । ନୂଆଦିଲ୍ଲୀରେ ଆଜି ଏକ ସମ୍ବାଦଦାତା ସମ୍ମିଳନୀକୁ ସମ୍ବୋଧିତ କରି ବିଜେପି ନେତା ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କଂଗ୍ରେସ ଇଭିଏମ୍‌ର ସ୍ୱଚ୍ଛତା ନେଇ ପ୍ରଶ୍ନ କରୁଥିବା ବେଳେ ହରିଆଣା ଏବଂ ମହାରାଷ୍ଟ୍ରର ନିର୍ବାଚନ ନେଇ ମଧ୍ୟ ପ୍ରଶ୍ନ କରୁଛି । ବାରମ୍ବାର ନିର୍ବାଚନ ହାରିବା ଦ୍ୱାରା କଂଗ୍ରେସ ଏଭଳି କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ପ୍ରଥମଥର ଲାଗି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କରାଯାଉ ନାହିଁ । ଭୋଟର ତାଲିକାକୁ ଅପ୍‌ଡେଟ୍ କରିବା ନିମନ୍ତେ ଏଭଳି କାର୍ଯ୍ୟକ୍ରମ ନିର୍ବାଚନ ଆୟୋଗଙ୍କ ଦ୍ୱାରା କରାଯାଇଥାଏ ।

**V/O (Dharmendra Pradhan)**

ଅନ୍ୟପକ୍ଷରେ ବିରୋଧୀ ଦଳ ସାଂସଦମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ସଂସଦ ଭବନରୁ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାରଣା ପ୍ରଦର୍ଶନ କରିଛନ୍ତି । ସଦସ୍ୟମାନେ ୨୦୨୪ ଲୋକସଭା

ନିର୍ବାଚନରେ ଭୋଟ ଜାଲିଆତି ହୋଇଥିବା ଏବଂ ଭୋଟର ତାଲିକାରେ ତ୍ରୁଟିବିଚ୍ୟୁତି ବିରୁଦ୍ଧରେ ସ୍ଲୋଗାନ ଦେଇଥିଲେ । ସାଂସଦମାନେ ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନକୁ ପ୍ରତ୍ୟାହାର କରିବା ଲାଗି ଦାବି କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେ ଏବଂ ଦଳୀୟ ନେତା ରାହୁଲ ଗାନ୍ଧୀ, ଏନ୍‌ସିପି-ଏସ୍‌ସିପି ମୁଖ୍ୟ ଶରଦ ପାୱାର, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଜେଏମ୍‌ଏମ୍ ନେତା ମହୁଆ ମାଜି, ଟିଏମ୍‌ସି ସାଂସଦ ଡେରେକ୍ ଓବରାୟନ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

## ପିଏମ୍-ଫ୍ଲାଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ବାବା ଖଡ଼୍‌କ ସିଂହ ମାର୍ଗରେ ସଂସଦ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ୧୮୪ଟି ନବନିର୍ମିତ ଟାଇପ୍-୭ ବହୁ ମହଲା ଫ୍ଲାଟ୍‌ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ୨୦୧୪ ପରଠାରୁ ସାଂସଦମାନଙ୍କ ଲାଗି ୩୫୦ଟି ନୂଆ ବାସଗୃହ ନିର୍ମାଣ କରାଯାଇଛି। ସେ କହିଛନ୍ତି ସାଂସଦମାନଙ୍କ ପାଇଁ ଉଦ୍ଦିଷ୍ଟ ଗୃହରେ ବିଭିନ୍ନ ରାଜ୍ୟର ନିର୍ବାଚିତ ନେତାମାନେ ରହୁଥିବାରୁ ଏହା ଏକ ଭାରତ ଶ୍ରେଷ୍ଠ ଭାରତର ପରିଚୟ ବହନ କରୁଛି । ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜି ଉଦ୍‌ଘାଟିତ ହୋଇଥିବା ଚାରୋଟି କୋଠାକୁ କ୍ରିଷ୍ଣା, ଗୋଦାବରୀ, କୋଷୀ ଏବଂ ହୁବ୍‌ଲୀ ଭାବରେ ନାମିତ କରାଯାଇଛି ।

ସଂପୃକ୍ତ ଆବାସିକ କୋଠାରେ ସଂସଦ ସଦସ୍ୟମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଧୁନିକ ସୁବିଧା ସୁଯୋଗ କରାଯାଇଛି । ଏଥିରେ ପରିବେଶଗତ ପରିଚାଳନା କ୍ଷମତା ବୃଦ୍ଧି ନିମନ୍ତେ ଶକ୍ତି ସଂରକ୍ଷଣ ଏବଂ ନବୀକରଣୀୟ ଶକ୍ତି ଉତ୍ପାଦନର ବ୍ୟବସ୍ଥା କରାଯାଇଛି ।

## ଲୋକସଭା-ୱାଇଲଡ଼ ଲାଇଫ୍

ଦେଶରେ ବନ୍ୟଜନ୍ତୁମାନଙ୍କ ବାସସ୍ଥଳୀ ସୁରକ୍ଷା ଓ ପରିଚାଳନା ନିମନ୍ତେ ସମନ୍ୱିତ ବନ୍ୟଜନ୍ତୁ ବାସସ୍ଥଳୀ ବିକାଶ ଯୋଜନା କାର୍ଯ୍ୟକାରୀ କରିଥିବା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପିନ୍ଦର ଯାଦବ କହିଛନ୍ତି । ଲୋକସଭାରେ ଆଜି ଶ୍ରୀ ଯାଦବ କହିଛନ୍ତି, ଏହି ଯୋଜନା ଅଧୀନରେ କେନ୍ଦ୍ର ସରକାର ବନ୍ୟଜନ୍ତୁ ବାସସ୍ଥଳୀ ଓ ମନୁଷ୍ୟ- ବନ୍ୟଜନ୍ତୁ ମଧ୍ୟରେ ଘଟୁଥିବା ଲଢ଼େଇର ସୁପରିଚାଳନା ନିମନ୍ତେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ସେ କହିଛନ୍ତି, ବିପଦସଂକୁଳ ଜୀବଜନ୍ତୁ ତାଲିକାରେ ୨୪ଟି ପ୍ରଜାତିକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ସେଗୁଡ଼ିକର ସଂରକ୍ଷଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ବିଭିନ୍ନ ସମୟରେ ହାତୀ ଓ ମଣିଷଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଥିବାରୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପରିଚାଳନା ପ୍ରକ୍ରିୟା ଜାରି କରାଯାଇଛି । ଶ୍ରୀ ଯାଦବ ଏହି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟଗୁଡ଼ିକୁ ଆହ୍ୱାନ ଦେଇଛନ୍ତି ।

---

## ଉତ୍ତରାଖଣ୍ଡ-ରେନ୍

ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷାଜନିତ ପ୍ରାକୃତିକ ବିପର୍ଯ୍ୟୟ ପରେ ହର୍ସିଲ ଓ ଧରାଲି ଅଞ୍ଚଳରେ ରିଲିଫ ଓ ଥଇଥାନ କାର୍ଯ୍ୟ ଜାରି ରହିଛି । ରାଜ୍ୟ ପ୍ରଶାସନ, ସେନାବାହିନୀ ଓ ଅନ୍ୟାନ୍ୟ ସଂସ୍ଥା ଦ୍ୱାରା ସଂପୃକ୍ତ ଅଞ୍ଚଳରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ପାଇଁ ଉଦ୍ୟମ ଜାରି ରହିଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ସମସ୍ତ ଅଧିକାରୀମାନଙ୍କୁ ଉଦ୍ଧାର ଓ ଥଇଥାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

**V/O (Puskar Singh Dhami)**

ଇତିମଧ୍ୟରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆଜି ବାଗେଶ୍ୱର, ଡେରାଡୁନ୍, ତେହେରି, ପଉଡ଼ି ଓ ନୈନିତାଲ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସତର୍କସୂଚନା ଜାରି କରାଯାଇଛି। ବଦ୍ରିନାଥ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁଁ ଯାନବାହାନ ଚଳାଚଳ ବ୍ୟାହତ ହୋଇଛି।

## ତୁର୍କୀ ଆର୍ଥ କ୍ୱେକ୍

ତୁର୍କୀର ପଶ୍ଚିମାଞ୍ଚଳରେ ଗତକାଲି ହୋଇଥିବା ଭୂକମ୍ପରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୯ ଜଣ ଆହତ ହୋଇଛନ୍ତି। ଗତକାଲି ସନ୍ଧ୍ୟା ୭ଟା ୫୩ ମିନିଟ୍‌ରେ ଇସ୍ତାନବୁଲ ଏବଂ ଇଜ୍‌ମୀ ସମେତ ଦେଶର ପଶ୍ଚିମ ଭାଗରେ ଥିବା ଅନେକଗୁଡ଼ିଏ ସହରରେ ୬ ଦଶମିକ୍ ୧ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିଲା । ଏପର୍ଯ୍ୟନ୍ତ ମିଳିଥିବା ସୂଚନା ଅନୁଯାୟୀ, ଏହି ଭୂମ୍ପରେ ୧୬ଟି କୋଠା ଧ୍ୱସ୍ତ ହୋଇଯାଇଛି ।

ତୁର୍କୀ ଗଣମାଧମ ଦ୍ୱାରା ପ୍ରସାରିତ ଭିଡ଼ିଓ ଅନୁଯାୟୀ ବାଲିକେଶି ପ୍ରଦେଶରେ ଅନେକ ଗୁଡ଼ିଏ କୋଠା ଭୁଶୁଡ଼ି ପଡ଼ିଛି । ପ୍ରଥମ ଭୂକମ୍ପ ହେବାର କିଛି ମିନିଟ୍ ପରେ ୪ ଦଶମିକ୍ ୬ ତୀବ୍ରତା ବିଶିଷ୍ଟ ଆଉ ଏକ ଭୂକମ୍ପ ଅନୁଭୂତ ହୋଇଥିଲା । ତୁର୍କୀର ଗୃହ ମନ୍ତ୍ରୀ କହିଛନ୍ତି, କ୍ଷୟକ୍ଷତି ଆକଳନ କରିବା ଲାଗି ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅଙ୍ଗଦାନ, ନୂତନ ଜୀବନ ଲାଗି ଅବଦାନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନୋଟୋର ଯୁଗ୍ମ ନିର୍ଦ୍ଦେଶକ ସାଇନି ସୁମନ ପ୍ରଧାନ ଏବଂ ଭାରତୀୟ ଚକ୍ଷୁ ବ୍ୟାଙ୍କ୍ ସଂଘର ମହା-ସଚିବ ଡାକ୍ତର ରାଜେଶ ସିହ୍ନା

ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ଏହା ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍ସାଇଟ୍ news on air.gov.in ଏବଂ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ।

---

## ଇକ୍ୱେଡର-ସୁଟିଂ

ଇକ୍ୱେଡର୍ ର ସାନ୍ତାଲୁସିଆ ଅଞ୍ଚଳରେ ଥିବା ଏକ ନାଇଟ୍ କ୍ଲବରେ ଗୁଳିକାଣ୍ଡ ଘଟି ଅତିକମ୍‌ରେ ୮ ଜଣଙ୍କର ମୃତ୍ୟୁ ହେବା ସହ ୩ ଜଣ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ୭ ଜଣଙ୍କର ଅନ୍ୟ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା । ପୋଲିସ୍ ସୂତ୍ରରୁ ଜଣାପଡ଼ିଛି, ଦୁଇଟି ମୋଟରସାଇକେଲରେ ଆସିଥିବା ବନ୍ଧୁକଧାରୀ ସନ୍ତ୍ରାସବାଦୀମାନେ ଏହି ଗୁଳିକାଣ୍ଡ ଘଟାଥିଲେ । ଦୁଇଦିନ ପୂର୍ବରୁ ୟେଲ୍‌ଓରୋ ଅଞ୍ଚଳରେ ବନ୍ଧୁକଧାରୀଙ୍କ ଆକ୍ରମଣରେ ଗୋଟିଏ ଡଙ୍ଗାରେ ଥିବା ୪ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ଅନେକ ନିଖୋଜ ହୋଇଯାଇଥିଲେ । ହିଂସା କାରଣରୁ ଇକ୍ୱେଡରର ଉପକୂଳବର୍ତ୍ତୀ ଅଞ୍ଚଳ, ଗୁଆ ୟାସ୍, ୟେଲ୍‌ଓରୋ, ମାନାଲି ଏବଂ ଲସ୍ ରିଅସ୍ ଠାରେ ଜରୁରୀକାଳୀନ ପରିସ୍ଥିତି ଜାରି କରାଯାଇଛି ।

ସୂଚନାଯୋଗ୍ୟ ଚଳିତବର୍ଷ ବିଭିନ୍ନ ହିଂସାତ୍ମକ ଘଟଣାରେ ଇକ୍ୱେଡରରେ ୪ ହଜାର ୬୦୦ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି ।

---

# ଜର୍ମାନୀ-ଇସ୍ରାଏଲ୍

ଗାଜା ଅଞ୍ଚଳରେ ପ୍ରତିରକ୍ଷା କାର୍ଯ୍ୟକ୍ରମ ପ୍ରସାର କରିବାକୁ ଇସ୍ରାଏଲର ଯୋଜନା ଉପରେ ଚିନ୍ତା ପ୍ରକଟ କରି ଜର୍ମାନୀ, ଇସ୍ରାଏଲ୍‌କୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରିବା କାର୍ଯ୍ୟକୁ ବନ୍ଦ ରଖିଛି । ଚାନ୍‌ସେଲର ଫ୍ରେଡ୍ରିକ୍ ମର୍ଜ ଏହି ଘୋଷଣା କରିଛନ୍ତି । ଶ୍ରୀ ମର୍ଜ କହିଛନ୍ତି, ଗାଜା ଅଞ୍ଚଳରେ ପ୍ରତିରକ୍ଷା କାର୍ଯ୍ୟର ପ୍ରସାର ପାଇଁ ଇସ୍ରାଏଲର ଉଦ୍ୟମ ସେଠାରେ ମାନବିକ ସଂକଟ ସୃଷ୍ଟି କରିବ । ଫଳରେ ବହୁ ସଂଖ୍ୟାରେ ସାଧାରଣ ନାଗରିକଙ୍କ ମୃତ୍ୟୁ ହେବା ସହ ଲୋକମାନେ ମଧ୍ୟ ନିରାଶ୍ରୟ ହେବେ । ଶ୍ରୀ ମର୍ଜ କହିଛନ୍ତି, ଇସ୍ରାଏଲ୍‌କୁ ଅସ୍ତ୍ରଶସ୍ତ୍ର ରପ୍ତାନୀ ବନ୍ଦ କରାଯାଇଥିଲେ ମଧ୍ୟ ସେ ଦେଶ ପ୍ରତି ଜର୍ମାନୀର ନୀତି ଅପରିବର୍ତ୍ତିତ ରହିବ ।

ସୂଚନାଯୋଗ୍ୟ ଯୁକ୍ତରାଷ୍ଟ୍ର ଆମେରିକା ପରେଜର୍ମାନୀ' ଇସ୍ରାଏଲ୍‌କୁ ଅସ୍ତ୍ରଶସ୍ତ୍ର ରପ୍ତାନୀ କରୁଥିବା ଦ୍ୱିତୀୟ ବୃହତ୍ତମ ଦେଶ ।